# 28th ASEAN Regional Forum Ministerial Meeting

August 06, 2021

## 28ତମ ଆସିଆନ ଆଞ୍ଚଳିକ ଫୋରମ ମନ୍ତ୍ରୀସ୍ତରୀୟ ବୈଠକ

**ଅଗଷ୍ଟ 06, 2021**

6 ଅଗଷ୍ଟ 2021 ରେ ଭର୍ଚୁଆଲ ଉପାୟରେ ଅନୁଷ୍ଠିତ 28ତମ ଆସିଆନ ଆଞ୍ଚଳିକ ଫୋରମ (ଏଆରଏଫ) ବୈଦେଶିକ ମନ୍ତ୍ରୀସ୍ତରୀୟ ବୈଠକରେ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ରାଜକୁମାର ରଞ୍ଜନ ସିଂହ ଭାରତୀୟ ପ୍ରତିନିଧୀ ଦଳର ନେତୃତ୍ୱ ନେଇଥିଲେ।

ବ୍ରୁନେଇ ଦାରୁସଲାମଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଆରଏଫ ସଦସ୍ୟ ଦେଶଗୁଡିକ ଆନ୍ତର୍ଜାତୀୟ ତଥା ଆଞ୍ଚଳିକ ପ୍ରସଙ୍ଗରେ ଏବଂ ଏଆରଏଫର ଭବିଷ୍ୟତ ଦିଗ ଉପରେ ମତ ବିନିମୟ କରିଥିଲେ। ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର, ଆତଙ୍କବାଦ, ସାମୁଦ୍ରିକ କ୍ଷେତ୍ରରେ ମିଳିତ ଜାତିସଂଘ ସାମୁଦ୍ରିକ ଆଇନର ଗୁରୁତ୍ୱ ଏବଂ ସାଇବର ସୁରକ୍ଷା ଉପରେ ଡକ୍ଟର ସିଂହ ଭାରତର ଦୃଷ୍ଟିକୋଣକୁ ଉପସ୍ଥାପନ କରିଥିଲେ।

ଯୁବ, ଶାନ୍ତି ଏବଂ ସୁରକ୍ଷା (ୱାଇପିଏସ) ଏଜେଣ୍ଡାକୁ ପ୍ରୋତ୍ସାହିତ କରିବା ପାଇଁ ଏଆରଏଫ ମନ୍ତ୍ରୀମାନେ ମିଳିତ ବିବୃତ୍ତି ଗ୍ରହଣ କରିଥିଲେ।

ସାମୁଦ୍ରିକ ସୁରକ୍ଷା, ଆତଙ୍କବାଦର ମୁକାବିଲା, ସୂଚନା ଏବଂ ସଂଚାର ପ୍ରଯୁକ୍ତିବିଦ୍ୟା (ଆଇସିଟି), ଏବଂ ବିପର୍ଯ୍ୟୟ ପ୍ରଶମନ ଆଦି କ୍ଷେତ୍ରରେ ଏଆରଏଫର କାର୍ଯ୍ୟକଳାପ ଏବଂ ପଦକ୍ଷେପଗୁଡ଼ିକରେ ଭାରତ ସକ୍ରିୟ ଭାବରେ ଜଡିତ। 2021 ରେ ଭାରତ ମିଳିତ ଜାତିସଂଘ ସାମୁଦ୍ରିକ ଆଇନି (ୟୁଏନସିଏଲଓଏସ) କୁ କାର୍ଯ୍ୟକାରୀ କରିବା ଉପରେ ଏକ ଏଆରଏଫ କର୍ମଶାଳାରେ ସହ-ଅଧ୍ୟକ୍ଷତା କରିଥିଲା। ଭାରତ 2021-22 ରେ ସାମୁଦ୍ରିକ ସୁରକ୍ଷା ଉପରେ ଅନୁଷ୍ଠିତ ହେବାକୁ ଥିବା ଏଆରଏଫ ଆନ୍ତଃ ଅଧିବେଶନ ବୈଠକରେ ସହ-ଅଧ୍ୟକ୍ଷତା କରିବ ଏବଂ ଆନ୍ତର୍ଜାତୀୟ ଜାହାଜ ଏବଂ ବନ୍ଦର ବ୍ୟବସ୍ଥା ସୁରକ୍ଷା କୋଡ୍ (ଆଇଏସପିଏସ କୋଡ୍) ଉପରେ ଏକ କର୍ମଶାଳା ଆୟୋଜନ କରିବ।

**ନୂଆଦିଲ୍ଲୀ**

**ଅଗଷ୍ଟ 06, 2021**

DISCLAIMER: This is an approximate translation. The original is available in English on MEA’s website and may be referred to as the official press release.